### ପରିମଳ କାର୍ଯ୍ୟରେ ଏସ୍‌ଏଚ୍‌ଜି ସାମିଲ

ଛତ୍ରପୁର,(ଡି.ଏନ.ଏ.): ମହିଳା ସଂଘର ସଦସ୍ୟାମାନେ ଏବେ ଛତ୍ରପୁର ଏନ୍‌ଏସିରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିଜକୁ ସାମିଲ କରିଛନ୍ତି। ମହିଳାମାନେ ଗାଡି ଚଳାଇ ସହରରେ ଘରକୁ ଘର ଯାଇ ଅଳିଆ ସଂଗ୍ରହ କରୁଛନ୍ତି। ଏହାକୁ ଏନଏସି ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ ପ୍ରଶଂସା କରିଛନ୍ତି। ଏଥିପାଇଁ ତୃଣମୂଳସ୍ତରରେ ପରିବର୍ତ୍ତନ ଆସିଥିବା ସେ କହିଛନ୍ତି ।



## ସଂକ୍ଷେପରେ

### ଡ୍ୟାମ୍‌ରେ ବୁଡ଼ି ନାବାଳକ ମୃତ

**ବାଣପୁର,୨୯।୫(ଡି.ଏନ୍.ଏ.):** ଡ୍ୟାମରେ ବୁଡ଼ି ଶନିବାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଖଣ୍ଡିଆନାଳ ଗ୍ରାମର ସହଦେବ ଶବରଙ୍କ ପୁଅ ପ୍ରଦୀପ ଶବର(୧୫)। ସୂଚନା ମୁତାବକ, ବାଣପୁର ଥାନା ଅଧୀନ ନୀଳାଦ୍ରିପ୍ରସାଦ ପଞ୍ଚାୟତର ଖାରିଆପଲ୍ଲୀ ଗ୍ରାମ ମାଉସୀ ଘରକୁ କିଛି ଦିନ ହେବ ପ୍ରଦୀପ ଆସିଥିଲେ। ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଗାଁର ଦୁଇ ଜଣ ନାବାଳକଙ୍କ ସହ ପ୍ରଦୀପ ଗ୍ରାମ ନିକଟ ଏକ ଡ୍ୟାମକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ପ୍ରଦୀପଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଏହା ଦେଖି ଅନ୍ୟ ଦୁଇ ଜଣ ତାଙ୍କ ମାଉସୀଙ୍କ ଘରେ ଜଣାଇଥିଲେ। ଖବରପାଇ ଅଗ୍ନିଶମ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଦାସ ସଦଳବଳେ ପହଞ୍ଚି ପ୍ରଦୀପକୁ ପାଣିରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨ ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୯।୫:** ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ଦୁଇଟି ପୃଥକ୍ ସ୍ଥାନରେ ଦୁଇଜଣ ମହିଳା ଆତ୍ମହତ୍ୟା କରିଛନ୍ତି। ଏ ନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବଡ଼ବଜାର ଥାନା ଅନ୍ତର୍ଗତ ରଙ୍ଗୁଣିବନ୍ଧ ସାହି ନିକଟସ୍ଥ ଶାସ୍ତ୍ରୀନଗର ପଞ୍ଚମ ଲାଇନ୍‌ର ପ୍ରମିଳା ବେହେରା (୩୨) ଶୁକ୍ରବାର ଘରେ ଶାଢ଼ି ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ନମ୍ବର ୯/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ଶନିବାର ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଶନିବାର ସକାଳେ ଫାଷ୍ଟଗେଟ ପାଣିଗ୍ରାହୀନଗରର ନିତାଞ୍ଜଳି ଚୌଧୁରୀ (୩୮) ଘରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କେସ୍ ନମ୍ବର ୧୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରାଥମିକ ଅନୁସନ୍ଧାନରୁ ଦୁଇଟି ଯାକ ଘଟଣା ପାରିବାରିକ କଳହରୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

### ୪୬ ୟୁନିଟ୍ ରକ୍ତ ସଂଗ୍ରହ

**କବିସୂର୍ଯ୍ୟନଗର,୨୯।୫:** କବିସୂର୍ଯ୍ୟନଗର ଏନ୍‌ଏସି ସ୍ଥିତ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ମୋ ପରିବାର ଏବଂ ଜୀବନ ବିନ୍ଦୁ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାମାରୀରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଗଞ୍ଜାମ ଜିଲା ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା, ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ, ପ୍ରାକ୍ତନ କବିସୂର୍ଯ୍ୟନଗର ଏନ୍‌ଏସି ଅଧକ୍ଷ ମନୋରଞ୍ଜନ ମହାପାତ୍ର ଓ ଲକ୍ଷ୍ମୀପ୍ରିୟା ସାହୁଙ୍କ ବ୍ୟତୀତ କାଉନସିଲର ରସଲ ଦାସ, ପ୍ରଶ୍ନ ନାୟକ, ରାକେଶ ପ୍ରଧାନ, ଦିଲୀପ ସାହୁ ଓ ରାଜେନ୍ଦ୍ର ଖଟେଇ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ୭ ଶିକ୍ଷକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ମୋଟ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ପ୍ରାକ୍ଟିକାଲ କ୍ଲାସ୍‌କୁ ନେଇ ଦ୍ୱନ୍ଦ୍ୱରେ ଛାତ୍ରୀଛାତ୍ର

- ୧ରୁ ଖୋଲିବ କଲେଜ, ବିଶ୍ୱବିଦ୍ୟାଳୟ
- ଅନ୍‌ଲାଇନ୍ ପାଠପଢ଼ା ଆରମ୍ଭ

ବ୍ରହ୍ମପୁର ଅଫିସ,୨୯।୫

ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି କ୍ରମେ ମେ’ ୩୧ରେ ଗ୍ରୀଷ୍ମ ଅବକାଶ ଶେଷ ହୋଇ ଜୁନ୍ ୧ରୁ ରାଜ୍ୟର ସମସ୍ତ ଡିଗ୍ରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଖୋଲିବା ସହ ଅନ୍‌ଲାଇନ୍ ପାଠ୍ୟକ୍ରମ ଆରମ୍ଭ ହେବ। ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ ପାଠପଢ଼ା ଆରମ୍ଭ ହେଉଥିବାରୁ ଛାତ୍ରୀଛାତ୍ର ଉତ୍ସାହିତ ଅଛନ୍ତି। ଅନ୍ୟପଟେ ପ୍ରାକ୍ଟିକାଲ କ୍ଲାସ୍‌କୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। କ୍ଲାସ୍‌ରୁମ ପାଠ ଅପେକ୍ଷା ଅନ୍‌ଲାଇନ୍ ପଢ଼ା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ବିନା ପ୍ରାକ୍ଟିକାଲରେ ଅଧିକାଂଶ ପାଠ୍ୟକ୍ରମ ଠିକ୍ ଭାବେ ବୁଝାପଡୁ ନ ଥିବା କହିଛନ୍ତି। କ୍ଲାସ୍‌ରୁମ ପଢ଼ାରେ ଥିଓରି ସହ ପ୍ରାକ୍ଟିକାଲ କ୍ଲାସ୍ ହୁଏ। ଯାହାଦ୍ୱାରା ପାଠ୍ୟକ୍ରମ ବିଷୟ ବସ୍ତୁରେ ଉପୁଜୁଥିବା ସନ୍ଦେହ ଦୂର କରି ପାଠକୁ ଭଲଭାବେ ବୁଝିହୁଏ। କିନ୍ତୁ ଅନ୍‌ଲାଇନ୍ ଦ୍ୱାରା ପ୍ରାକ୍ଟିକାଲ କ୍ଲାସ୍ କିପରି ଅନୁଷ୍ଠିତ ହେବ ବର୍ତ୍ତମାନ ସେ ନେଇ ଚିନ୍ତାରେ ଛାତ୍ରୀଛାତ୍ର।

### ସେମାନେ ଯାହା କୁହନ୍ତି



“ଅନ୍‌ଲାଇନ୍ କ୍ଲାସରେ ବହୁ ସମୟରେ ନେଟୱର୍କ ସମସ୍ୟା ହେଉଛି। କ୍ଲାସ ହେଉଥିଲେ ସୁଦ୍ଧା ଅଧିକାଂଶ ପିଲା ନିଜ ତରଫରୁ ଠିକ୍ ଭାବେ ଏଥିରେ ଯୋଗଦାନ କରିପାରନ୍ତିନି। ବିନା ପ୍ରାକ୍ଟିକାଲରେ ପାଠ୍ୟକ୍ରମ ବୁଝିବା ସମ୍ଭବ ହୁଏ ନାହିଁ।

**ଆଶାରାଣୀ ପାଣିଗ୍ରାହୀ, ସାମ୍ବାଦିକତା ଓ ଗଣଯୋଗାଯୋଗ ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀ**



“ଅଧିକାଂଶ ପାଠ୍ୟକ୍ରମ ନିମନ୍ତେ ପ୍ରାକ୍ଟିକାଲ ନିହାତି ଆବଶ୍ୟକ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ପ୍ରାକ୍ଟିକାଲ ବିନା ଥିଓରିରେ ବୁଝି ହେବ ନାହିଁ। ଅନ୍‌ଲାଇନ କ୍ଲାସରେ ପଢ଼ାଯାଉଥିବା ବିଷୟ ବସ୍ତୁ ଅଧିକାଂଶ ଠିକ୍ ଭାବେ ବୁଝି ହୁଏନି। ଏପରିସ୍ଥଳେ ପ୍ରାକ୍ଟିକାଲ ନିହାତି ଆବଶ୍ୟକ।

**ଦେବଦତ୍ତ ଆର୍ଯ୍ୟ, ସାମ୍ବାଦିକତା ଓ ଗଣଯୋଗାଯୋଗ ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର**



“କରୋନା ଯୋଗୁ ପାଠପଢ଼ା ପ୍ରଭାବିତ ହୋଇଛି। ଅଧିକାଂଶ ବିଦ୍ୟାର୍ଥୀ ମୌଳିକ ଜିନିଷ ମଧ୍ୟ ବୁଝିନାହାନ୍ତି। ଅଡ଼ମିଶନ ପରଠୁ ଗତ ବର୍ଷ ଓ ଚଳିତ ବର୍ଷ ମଧ୍ୟ ପ୍ରାକ୍ଟିକାଲ କ୍ଲାସ ହୋଇନି। ଯାହାଦ୍ୱାରା ପାଠ୍ୟକ୍ରମ ବୁଝିହେଉନି। ଅନ୍‌ଲାଇନ ପାଠପଢ଼ାରେ ଠିକ ଭାବେ ଶୁଣା ଯାଉନି। ବର୍ତ୍ତମାନ କେବଳ ପିଡ଼ିଏଫ ଫାଇଲ ଦେଖିକ୍ଲାସ କରିବାକୁ ପଡୁଛି।

**ସୁଭଦ୍ରା ଶୁକ୍ଲା, ମହାମାୟୀ ମହିଳା ମହାବିଦ୍ୟାଳୟ, ଯୁକ୍ତ ୩ ବିଜ୍ଞାନ, ଦ୍ୱିତୀୟ ବର୍ଷ ଛାତ୍ରୀ**



“ବର୍ତ୍ତମାନ ଅନ୍‌ଲାଇନ୍ ପାଠ୍ୟକ୍ରମ ନିମନ୍ତେ ନିର୍ଦ୍ଦେଶ ରହିଛି। ସ୍ଥିତି ସୁଧୁରିବା ପରେ କ୍ଲାସ ରୁମ୍ ପାଠ୍ୟକ୍ରମ ଆରମ୍ଭ ହେବ। ସେତେବେଳେ ପ୍ରାକ୍ଟିକାଲ କ୍ଲାସକୁ ନେଇ ଉଚ୍ଚଶିକ୍ଷା ବିଭାଗର ଯାହା ନିର୍ଦ୍ଦେଶ ରହିବ ପାଳନ କରାଯିବ। ଯଥା ଶୀଘ୍ର ସ୍ଥିତି ସୁଧୁରିବା ସହ ସଂକ୍ରମଣ ସଂଖ୍ୟା କମିଲେ ହିଁ ପୂର୍ବବତ ସାଧାରଣଭାବେ କ୍ଲାସ କରିହେବ।

**ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ, ବ୍ରହ୍ମପୁର**

# ଏମ୍‌କେସିଜି ମେଡିକାଲ: ଏପ୍ରିଲରେ ୪୬୧ ଜଣଙ୍କର ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୯।୫



ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏପ୍ରିଲରେ ୪୬୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସାଧାରଣ ରୋଗୀ ଓ କରୋନା ସଂକ୍ରମିତ ରହିଥିବା ଶୁଣିବାକୁ ମିଳୁଛି। କରୋନା ଆସିବା ପୂର୍ବରୁ ଏମ୍‌କେସିଜିରେ ପ୍ରତ୍ୟେକ ମାସରେ ପାଖାପାଖି ୧୫୦ ରୋଗୀଙ୍କ ମୃତ୍ୟୁ ହେଉଥିଲା। ସେହି ରୋଗୀଙ୍କ ମଧ୍ୟରେ ଦୁର୍ଘଟଣାରେ ଗୁରୁତର ରୋଗୀ, ବିଷ କ୍ରିୟା ଓ ସର୍ପାଘାତଜନିତ ରୋଗୀ, ଗୁରୁତର ବ୍ୟାଧିରେ ପୀଡ଼ିତ ଥିଲେ। ହେଲେ ଏପ୍ରିଲରେ ୪୬୧ ଜଣଙ୍କ ମୃତ୍ୟୁ ହେଉଥିବାରୁ ସାଧାରଣ ରୋଗୀଙ୍କୁ ଛାଡିଦେଲେ ଅନ୍ୟ ସମସ୍ତ ମୃତ୍ୟୁ କରୋନା ସଂକ୍ରମିତ ରୋଗୀ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ, କରୋନାର ଦ୍ୱିତୀୟ ଲହର ଆସିବା ପରେ ଗଞ୍ଜାମ ଜିଲାରେ ଧୀରେ ଧୀରେ କରୋନା ରୋଗୀ ବୃଦ୍ଧି ପାଇବା ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ସେହିକ୍ରମରେ ଏମ୍‌କେସିଜିର ଉତ୍ସର୍ଗୀକୃତ କୋଭିଡ୍ ଚିକିତ୍ସାଳୟରେ ରୋଗୀ ସଂଖ୍ୟା ବଢିବାରେ ଲାଗିଥିଲା। ଧୀରେ ଧୀରେ ସେହି ଚିକିତ୍ସାଳୟ ଭର୍ତ୍ତି ହୋଇଯାଇଥିଲା। ଫଳରେ କରୋନା ଲକ୍ଷଣ ଥିବା ରୋଗୀ ଏମ୍‌କେସିଜିକୁ ଆସିବା ପରେ ସେମାନଙ୍କୁ କାଜୁଆଲ୍‌ଟି ଉପର ମହଲାରେ ରଖି ଚିକିତ୍ସା କରାଯାଇଥିଲା। ସେଠାରେ ଏକ କରୋନା ପରୀକ୍ଷା କେନ୍ଦ୍ର ମଧ୍ୟ ଖୋଲାଯାଇଥିଲା। କାଜୁଆଲ୍‌ଟିରେ ରୋଗୀ ସଂଖ୍ୟା ଏତେ ବଢିଯାଇଥିଲେ ଯେ ସେଠାରେ ନିୟନ୍ତ୍ରଣ କରିବା କଷ୍ଟ ହୋଇପଡ଼ିଥିଲା। ଏପଟେ ଦୁଇ ଦୁଇଟି କୋଭିଡ୍ ଚିକିତ୍ସାଳୟ ସେପଟେ କାଜୁଆଲ୍‌ଟିରେ କରୋନା ରୋଗୀଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ରୋଗୀ ସଂଖ୍ୟା ବଢିବା ସହ ମୃତକଙ୍କ ସଂଖ୍ୟା ମଧ୍ୟ ବଢି ଚାଲିଲା। ଫଳରେ ଯେଉଁଠି ମାସକୁ ପାଖାପାଖି ୧୫୦ ଜଣଙ୍କ ମୃତ୍ୟୁ ଘଟୁଥିଲା, ଏବେ ସେଠାରେ ଏପ୍ରିଲରେ ୪୬୧ ଜଣଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ରେକର୍ଡରୁ ଜଣାପଡିଛି। ଏନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର କୁହନ୍ତି, ପୂର୍ବରୁ ଏହି ହସ୍ପିଟାଲରେ ଦିନକୁ ହାରାହାରି ୫ ଜଣଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟୁଥିଲା। କରୋନା ଦ୍ୱିତୀୟ ଲହରରେ ଅର୍ଥାତ୍ ଏପ୍ରିଲରେ ରୋଗୀ ମୃତ୍ୟୁ ସଂଖ୍ୟା ବଢିଯାଇଛି।

### କରୋନା ସଚେତନତା ସମ୍ପର୍କିତ ପାଠଚକ୍ର

ବ୍ରହ୍ମପୁର ଅଫିସ,୨୯।୫

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ କରୋନା ସଚେତନତା ପାଠଚକ୍ର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଏଥିରେ ଅଧକ୍ଷା ଉତ୍ତମା ଜେନା ଅଧକ୍ଷତା କରିଥିଲେ। ଏମ୍‌କେସିଜି ମେଡିକାଲ କଲେଜ ଶିଶୁରୋଗ ବିଶେଷଜ୍ଞ ବି.ମହେଶ୍ୱର ରାଓ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡିପିଓ ଡା. ସ୍ୱର୍ଣ୍ଣଲତା ପଟ୍ଟନାୟକ ଉପସ୍ଥିତ ଥିଲେ। ପାଠଚକ୍ରରେ କରୋନା ମହାମାରୀ ଦ୍ୱିତୀୟ ଲହର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡ. ବରୁଣ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପାଠଚକ୍ରରେ ବହୁ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ଯୋଗଦେଇ କରୋନାକୁ ନେଇ ଥିବା ସନ୍ଦେହ ଦୂର କରିଥିଲେ।

# ପ୍ରଶସ୍ତୀକରଣ ଲାଗି ୮୭.୭୬ କୋଟି ମଞ୍ଜୁର

ଭଞ୍ଜନଗର,୨୯।୫(ଡି.ଏନ.ଏ)

**ଭଞ୍ଜନଗର-ଆସିକା ଏନ୍‌ଏଚ୍**

ରାଞ୍ଚି–ବିଜୟୱାଡ଼ା କରିଡର ଯୋଜନାରେ ହୋଇଥିବା ୧୫୯ନଂ. ଜାତୀୟ ରାଜପଥର ଆସିକା ନିକଟ କାଳଷଣ୍ଢପୁର ଠାରୁ ଭଞ୍ଜନଗର ବାଉଁଶଲୁଣ୍ଡି ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ହେବ। ଏ ନେଇ ୮୭ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇଛି । କେନ୍ଦ୍ର ସଡ଼କ ପରିବହନ ବିଭାଗ ପକ୍ଷରୁ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ଏ ନେଇ ଚିଠି ଆସିଛି। ପୂର୍ବରୁ ପିଚୁ ରାସ୍ତା ୭ ମିଟର ଥିଲା, ଏବେ ୧୦ ମିଟର ହେବ। ଏଥିସହ ପୁରୁଣା କଲଭର୍ଟଗୁଡ଼ିକୁ ଭାଙ୍ଗି ନୂଆ ନିର୍ମାଣ ହେବ। ଆବଶ୍ୟକ ସ୍ଥଳେ ରାସ୍ତା କଡ଼ରେ ଥିବା ଗ୍ରାମଗୁଡ଼ିକରେ ଡ୍ରେନ୍ ମଧ୍ୟ ନିର୍ମାଣ ହେବ । ଅନ୍ୟପକ୍ଷରେ ଗତ ୨ ବର୍ଷ ହେବ ଭଞ୍ଜନଗରଠାରୁ ଫୁଲବାଣୀ ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି । ଏ ବାବଦରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେଉଛି। ତେବେ ବିଭିନ୍ନ କାରଣ ଯୋଗୁ ରାସ୍ତା କାମ ମନ୍ଥର ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜାତୀୟ ରାଜପଥ ସହକାରୀ ନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ସେଠୀ କହିଛନ୍ତି, କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଟଙ୍କା ଦେଇଥିବା ଶୁଣୁଛୁ। ଟେଣ୍ଡର ହେବାପରେ କାମ ଆରମ୍ଭ । ଏହି ପ୍ରକ୍ରିୟା ସରିବାକୁ କିଛି ମାସ ଲାଗିଯିବ ବୋଲି କହିଛନ୍ତି।

# ବୟସ୍କଙ୍କୁ ଟିକା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

ବ୍ରହ୍ମପୁର ଅଫିସ,୨୯।୫

**ଉଠା ଦୋକାନୀଙ୍କୁ ଟଙ୍କା**

ବ୍ରହ୍ମପୁର ମହାନଗରରେ ଅନେକ ଉଠା ବ୍ୟବସାୟୀ ରହିଛନ୍ତି। ଏହି ବର୍ଗର ଲୋକମାନେ ନିଜ ନିଜର ଜୀବିକା ପାଇଁ ପ୍ରତିଦିନ ପାନ, ଚା’ ଦୋକାନଠାରୁ ଆରମ୍ଭକରି ଠେଲାଗାଡିରେ ଫଳ ପନିପରିବା ବିକ୍ରି କରିଥାନ୍ତି। ରାସ୍ତା କଡ଼ରେ ଶାଗ, ଫୁଲ, ଦୀପ ବିକ୍ରି କରି ବଞ୍ଚୁଥିବା ମଣିଷ ପ୍ରତିଦିନ ବିଏମ୍‌ସିକୁ ଟିକସ ମଧ୍ୟ ଦେଇ ଆସୁଛନ୍ତି। କରୋନା କାଳରେ ଏହି ବର୍ଗର ବ୍ୟବସାୟୀ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କରୋନା ଏମାନଙ୍କ ଜୀବନ ଓ ଜୀବିକାକୁ ନଷ୍ଟ କରି ସାରିଛି। କିନ୍ତୁ ସରକାର କେବଳ ନୀରବ ହୋଇ ଦେଖିବା ଦୁର୍ଭାଗ୍ୟର କଥା। ବ୍ରହ୍ମପୁର ମହାନଗର ନିଗମ ତୁରନ୍ତ ଏହି ବର୍ଗର ଛୋଟ ଛୋଟ ଦୋକାନୀମାନଙ୍କୁ ମାସିକ ୬ ହଜାର ଟଙ୍କା ଦେବା ପାଇଁ ଗଞ୍ଜାମ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ପୀତବାସ ପଣ୍ଡା ଦାବି କରିଛନ୍ତି। ଏଥିସହ ମହାନଗର ନିଗମରେ ଚାଲିଥିବା ଟିକାକରଣ ଅଭିଯାନରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଗାଡି ଦ୍ୱାରା ଘରୁ ଆଣି ଟିକା କେନ୍ଦ୍ରରେ ପହଞ୍ଚାଇବା ଓ ଟିକା ଦେଇ ସାରିବା ପରେ ବୃଦ୍ଧ ବ୍ୟକ୍ତିଙ୍କୁ ନିଜ ନିଜ ଘରେ ପହଞ୍ଚାଇବା ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

# ଏନ୍‌ଏଚ୍‌ଆର୍‌ସିଙ୍କ ତାଗିଦ୍ ପରେ ମିଳିଲା ସହାୟତା ରାଶି

**ପୋଲସରା ନାବାଳିକା ଗଣବଳାତ୍କାର ଘଟଣା**

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ୮ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର ଘଟଣାର ତିନିବର୍ଷ ପରେ ପୀଡ଼ିତାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) କ୍ଷୋଭ ପ୍ରକାଶ କରିବା ସହ ଗଞ୍ଜାମ ଏସ୍‌ପିଙ୍କୁ ତାଗିଦ୍ କରିଥିଲେ। ଏହାପରେ ଘଟଣାରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ପୀଡିତାଙ୍କୁ ୩.୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା କମିଶନଙ୍କ ନିକଟରେ ଏସ୍‌ପି ଦାଖଲ କରିଥିବା ରିପୋର୍ଟରୁ ଜଣାପଡ଼ିଛି।

ସୂଚନା ଯୋଗ୍ୟ, ୨୦୧୮ ଅକ୍ଟୋବର ୩୧ରେ ପୀଡ଼ିତା ନାବାଳିକା ଶୋଇଥିବାବେଳେ ତିନିରୁ ଊର୍ଦ୍ଧ୍ୱ ବ୍ୟକ୍ତି ଘରେ ପଶି ଜିନିଷପତ୍ର ଲୁଟିନେବା ସହ ତାଙ୍କୁ ଉଠାଇ ନେଇ ନିକଟ ପଡ଼ିଆରେ ଗଣବଳାତ୍କାର କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ମୁଖପାତ୍ର ତଥା ଆଇନଜୀବୀ ନିଶିକାନ୍ତ ମିଶ୍ର ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଥିଲେ। ଘଟଣାର ତିନିବର୍ଷ ପରେ ବି କମ୍ପେନ୍‌ସେଶନ ଆକ୍ଟ ଅନୁଯାୟୀ କ୍ଷତିପୂରଣ ବାବଦରେ କୌଣସି ତଥ୍ୟ ଦାଖଲ କରାଯାଇ ନ ଥିବାରୁ କମିଶନ ଏସ୍‌ପିଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଆଇପିସି ଦଫା ୧୭୫ ଓ ୧୭୬ ଅନୁଯାୟୀ ଏସ୍‌ପିଙ୍କ ବିରୋଧରେ କ୍ରିମିନାଲ ପ୍ରୋସିଡିଂ କରିବାକୁ କମିଶନ ବାଧ୍ୟହେବେ ବୋଲି କହିଥିଲେ। ଏଥିସହିତ ଏନ୍‌ଏଚ୍‌ଆର୍‌ସି ସେକ୍ସନ ୧୩ ଆଧାରରେ ବ୍ୟକ୍ତିଗତ ହାଜର ପାଇଁ ଏପ୍ରିଲ୍ ୨୯ରେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ତଳିଆ ଅଞ୍ଚଳରେ ଚିନ୍ତା ବଢ଼ାଇଛି ବାହାନା ନାଳ

ବ୍ରହ୍ମପୁର ଅଫିସ,୨୯।୫

**୧୮ ବର୍ଷ ପରେ ବି ପୁନରୁଦ୍ଧାର କାର୍ଯ୍ୟ ଅସମ୍ପୂର୍ଣ୍ଣ**



ମୌସୁମୀ ପାଖେଇ ଆସୁଛି। ତେଣୁ ବ୍ରହ୍ମପୁରର କେତେକ ତଳିଆ ଅଞ୍ଚଳବାସୀଙ୍କୁ ବାହାନା ନାଳ ଚିନ୍ତା ବଢ଼ାଇଛି। ମହାନଗରର ଦକ୍ଷିଣ ପଟରେ ସାପୁଆ ନାଳ ଓ ଉତ୍ତରପଟରେ ବାହାନା ନାଳ ରହିଛି। ବ୍ରିଟିଶ ଶାସନରୁ ଥିବା ଏହି ଦୁଇ ନାଳ ବଡ଼ ବର୍ଷା ହେବା ମାତ୍ରେ ଫାଷ୍ଟଗେଟଠାରୁ ଆରମ୍ଭ କରି ଆସିକା ରୋଡ୍ ଶ୍ରୀରାମନଗର, ସୋମନାଥ ନଗର, ତୁଳସୀ ନଗର, ଗେଟ ବଜାର ନିକଟ ବିଭିନ୍ନ ଅଞ୍ଚଳ, ସିଦ୍ଧାର୍ଥ ନଗର, ଗଜପତି ନଗର, କଳିଙ୍ଗ ନଗର, ବାଞ୍ଛାନିଧି ନଗର ସମେତ ଖାଲୁଆ ଅଞ୍ଚଳରେ ଥିବା ବସ୍ତିଗୁଡ଼ିକ ବିପଦପୂର୍ଣ୍ଣ ହୋଇଯାଉଛି। ଲୋକେ ସଚେତନ ହେଉନଥିବା ଏବଂ ଅଳିଆ ଆବର୍ଜନା ନାଳରେ ଫିଙ୍ଗୁଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ବାହାନା ନାଳ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ୧୮ ବର୍ଷ ବିତିବା ପରେ ବି ସମ୍ପୂର୍ଣ୍ଣ ହୋଇନାହିଁ। ଏ ବାବଦରେ ବହୁ କୋଟି ଟଙ୍କା ବ୍ୟୟ ହୋଇଛି। ପୁନରୁଦ୍ଧାର ଦାୟିତ୍ୱ ଜଳ ସମ୍ପଦ ବିଭାଗର ଡ୍ରେନେଜ୍ ଡିଭିଜନକୁ ନ୍ୟସ୍ତ କରାଯାଇଛି।

ବିଗତ ୨୦୦୩ ଅକ୍ଟୋବର ପ୍ରଥମ ସପ୍ତାହରେ ଭୟଙ୍କର ବର୍ଷା ବିପ୍ଳାତ ହୋଇଥିଲା। ସେତେବେଳେ ପ୍ରଥମକରି ବ୍ରହ୍ମପୁର ପୌର ପରିଷଦ ବିଜେଡି ଦଖଲକୁ ଆସିଥିଲା। ନଗରପାଳ ପଦବୀ ଓବିସି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ସୁଲୋଚନା ସ୍ୱାଇଁ ପୌର ସଂସ୍ଥାର ପ୍ରଥମ ନଗରପାଳ ହୋଇଥିଲେ। ବର୍ଷା ପାଣି ନିଷ୍କାସନ ହୋଇନପାରି ବିଭିନ୍ନ ବସ୍ତିରେ ପଶିଥିଲା। ମୁଖ୍ୟତଃ ଗଜପତିନଗର ଅବସ୍ଥା ସାଂଘାତିକ ହୋଇଯାଇଥିଲା। ଅନେକ ଘର ଛାତ ଉପରକୁ ପାଣି ଉଠିଥିଲା। ହଜାର ହଜାର ବାସିନ୍ଦା ଜଳବନ୍ଦୀ ହୋଇଯାଇଥିଲେ। ଅବସ୍ଥା ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିଥିଲେ। ପାଣିରେ ଉବୁଟୁବୁ ଲୋକଙ୍କୁ ସୁରକ୍ଷା ଯୋଗାଇବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେଲେ। ସେନାବାହିନୀର ସହଯୋଗ ନିଆଯାଇଥିଲା। ଭୋକିଲା ଲୋକଙ୍କୁ ହେଲିକପ୍ଟର ଯୋଗେ ଖାଦ୍ୟ ପୁଡ଼ିଆ ବଣ୍ଟନ କରାଗଲା। ଗଜପତି ନଗରରେ ଯନ୍ତ୍ର ଚାଳିତ ବୋଟ ବ୍ୟବହୃତ କରାଯାଇଥିଲା।

ସପ୍ତାହ ବ୍ୟାପି ପରିସ୍ଥିତି ଜଟିଳ ଥିଲା। ବାସିନ୍ଦାମାନଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବାହାନା ନାଳ ପାର୍ଶ୍ୱ ସିଦ୍ଧାର୍ଥ ନଗରରେ ଅନେକ ଜବରଦଖଲ ସରକାରଙ୍କ ନିର୍ଦ୍ଦେଶରେ ଉଚ୍ଛେଦ କରାଗଲା। ଏହାର ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରାଯିବା ସହ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିଲା। କାମ ଆରମ୍ଭ ହେବାର ଏବେ ୧୮ ବର୍ଷ ବିତିଛି ଏବଂ ଏବେବି ଅସମ୍ପୂର୍ଣ୍ଣ ଅଛି। ଶୁକ୍ରବାର ଅପରାହ୍ନରେ ଘଣ୍ଟାଏ କାଳ ଭୀଷଣ ବର୍ଷା ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି। ଗତ ଗୁରୁବାର ବିଧାୟକ ବିକ୍ରମ ପଣ୍ଡା ଓ ବିଏମ୍‌ସି କମିଶନର ବାହାନା ନାଳ ସ୍ଥିତି ଅନୁଧ୍ୟାନ କରିଥିଲେ। ପାଣି ଦ୍ରୁତ ନିଷ୍କାସନ ପାଇଁ ନାଳ ଓସାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହା କେତେଦୂର କାର୍ଯ୍ୟକାରୀ ହେବ ସେନେଇ ଅପେକ୍ଷା କରାଯାଇଛି।

# ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଜଣେ ଗୁରୁତର

ହିଞ୍ଜଳିକାଟୁ, ୨୯।୫(ଡି.ଏନ୍.ଏ)

ହିଞ୍ଜିଳି ଥାନା ବ୍ରାହ୍ମଣଛାଇରେ ବାଛୁରି ବିକ୍ରିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ମଙ୍ଗୁଲୁ ପୃଷ୍ଟି ଗୁରୁତର ହୋଇଛନ୍ତି। ମଙ୍ଗୁଲୁଙ୍କ ଭାଇ ଅଶୋକଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ପୋଲିସ ନଂ. ୨୭୩/୨୧ରେ ମାମଲା ରୁଜୁ କରିଛି। କିଛି ମାସ ତଳେ ଅଶୋକ, ମଙ୍ଗୁଲୁ ଓ ଗ୍ରାମର ଅନ୍ୟ କେତେକ ବ୍ୟକ୍ତି ଏକ ବାଛୁରିକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପିତଳ ପଶୁ ଡାକ୍ତରଖାନାରେ ଚିକିତ୍ସିତ କରିଥିଲେ। ବାଛୁରିଟି ସୁସ୍ଥ ହେବା ପରେ ତାକୁ ଗ୍ରାମର ସ୍ୱରାଜ୍ୟ ପୃଷ୍ଟି ବିକ୍ରି କରି ଦେଇଥିଲେ। ଏହାକୁ ନେଇ ମଙ୍ଗୁଲୁ ଓ ସ୍ୱରାଜ୍ୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସ୍ୱରାଜ୍ୟଙ୍କ କାତି ଚୋଟରେ ଗୁରୁତର ମଙ୍ଗୁଲୁଙ୍କୁ ପିତଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ପକ୍ଷରେ ଗ୍ରାମର ଦୁଖୀଶ୍ୟାମ ପୃଷ୍ଟି ପାଲଟା ଅଭିଯୋଗ କରିଛନ୍ତି, ସେ ଓ ତାଙ୍କ ପୁଅ ସରୋଜ ଗୁହାଳରେ ଥିବା ବେଳେ ମଙ୍ଗୁଲୁ , ଅଶୋକଙ୍କ ସମେତ ଅନ୍ୟ ୩ଜଣ ଆସି ବାଛୁରି କାହିଁକି ବିକ୍ରି କଲ ବୋଲି ଆକ୍ରମଣ କରିଥିଲେ। ଏ ନେଇ ପୋଲିସ ନଂ. ୨୭୪/୨୧ରେ ମାମଲା ରୁଜୁ କରି ଜଣକୁ ଅଟକ ରଖିଛି।

# ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୯।୫

କରୋନା ସମୟରେ ରକ୍ତ ଅଭାବ ଦୂର କରିବା ପାଇଁ ଶନିବାର ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନେତୃତ୍ୱରେ ଓଡିଶା ମୋ ପରିବାର ଓ ଜୀବନବିନ୍ଦୁ ତରଫରୁ ପ୍ରାପ୍ତି କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁବାସ ମହାରଣା, ବିଜୟ ସାମଲ, ମଦନ ଦଳାଇ, ସିଲୁ ସାବତ, ବିଶ୍ୱଜିତ ପାତ୍ର, ଅଜିତ ପଣ୍ଡା, ଆଦିତ୍ୟ ପଟ୍ଟନାୟକ, କେ.ମଧୁସୂଦନ ରାଓ, ଅଶ୍ୱିନୀ ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




ଶିବିରରେ ଜଣେ ରକ୍ତଦାନ କରୁଛନ୍ତି ।

# ୧.୩୬ କୋଟିର ଚାଉଳ ଦେଇନାହାନ୍ତି ୯ ମିଲର

**ଆଇନଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

ଛତ୍ରପୁର,୨୯।୫(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ମିଲିଂ କରି ଚାଉଳ ଦେବା ପାଇଁ ମିଲରମାନଙ୍କୁ ପ୍ରଶାସନ ପକ୍ଷରୁ ଧାନ ଦିଆଯାଇଥାଏ । ମାତ୍ର ଠିକ୍ ସମୟରେ ଧାନ ମିଲିଂ କରି ଚାଉଳ ପ୍ରଶାସନକୁ ଦେବାରେ ଅନେକ ମିଲର ବିଳମ୍ବ କରିଥାନ୍ତି। ବାରମ୍ବାର ତାଗିଦ୍ ପରେ ଚାଉଳ ଏମାନେ ଦେଉ ନ ଥିବା ନଜିର ରହିଛି । ଅପରପକ୍ଷରେ ୨୦୧୨–୧୩ ଓ ୨୦୧୩–୧୪ରେ ୯ ମିଲର ଧାନ ମିଲିଂ କରି ଚାଉଳ ଦେଇନାହାନ୍ତି। ଏହି ଚାଉଳର ମୂଲ୍ୟ ୧ କୋଟି ୩୬ ଲକ୍ଷ ୬୧ହଜାର ୧୦ ଟଙ୍କା ହେବ ବୋଲି ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଆକଳନ କରିଛି। ଏମାନଙ୍କଠାରୁ ଉକ୍ତ ଅର୍ଥ ଆଦାୟ କରିବାକୁ ବାରମ୍ବାର ନିଗମ ପକ୍ଷରୁ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଚିଠି ଆସିଛି । ମାତ୍ର ଉକ୍ତ ଖିଲାପି ୯ ମିଲରଙ୍କଠାରୁ ଏହି ଅର୍ଥ ଆଦାୟ ହୋଇପାରିନି। ଏମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଗମ ନିର୍ଦ୍ଦେଶକ (ଆଇନ)ଙ୍କ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଆସିଛି। ଏ ସମ୍ପର୍କରେ ଏକ ଚିଠି ୨୬ ତାରିଖ (ନଂ–୭୩୩୭/୨୪।୫।୨୧)ରେ ପହଞ୍ଚିଛି। ଏଥିସହ ଜିଲାପାଳଙ୍କ ନିକଟକୁ ଚିଠି ଆସିଥିବା ଜଣାପଡିଛି। ଖିଲାପି ମିଲରମାନଙ୍କ ମଧ୍ୟରେ ଶଙ୍କର ରାଇସ୍ ମିଲ୍, ସୁବାସ ରାଇସ୍ ମିଲ୍, ନାରାୟଣୀ ରାଇସ୍ ମିଲ୍, ମା’ ଫୁଲ ଠାକୁରାଣୀ ରାଇସ୍ ମିଲ୍(ଉଭୟ ୨୦୧୨–୧୩ ଓ ୧୪), ରୁଦ୍ର କାନି ରାଇସ୍ ମିଲ୍ , ଲିଙ୍ଗରାଜ ରାଇସ୍ ମିଲ୍, ମହାବୀର ରାଇସ୍ ମିଲ୍ ଓ ସିଂଘାସିନୀ ରାଇସ୍ ମିଲ୍ ରହିଛି ।



ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
REGISTERED OFFICE: C/2, NAYAPALLI, BHUBANESWAR-751012
CIN: U51211OR1980SGC000894
Tel No.0674-2395391, Fax No: 0674-2395291, website: www.oscsc.in
File No.- L.S (L) - 19/2018 No. 7337 dt 24-5-21

To
The District Manager
OSCSC Ltd., Ganjam.

Sub:- Filing of Certificate Case against the defaulting Custom Millers of Ganjam District.

Ref:- This office letter No.7286 dt.30.05.2020, No. 9675 dt. 29.07.2020, No.2243 dt.09.02.2021 & No.3732 dt.08.03.2021.

Sir,
With reference to the letters on the subject cited above, I am to say that, inspite of repeated reminders, you have not taken any legal action against the defaulting millers of Ganjam district, which is noted below.

| Sl No. | Name of the Miller | Defaulting Year | Amount involved (In Rs.) |
|---|---|---|---|
| 1 | M/S.Sankar Rice Mill | 2012-13 | 5,62,783.00 as on KMS 2012-13. |
| 2 | M/S.Subash Rice Mill | 2012-13 | 12,00,612.00 as on KMS 2012-13. |
| 3 | M/S.Narayani Rice Mill | 2012-13 | 5,18,093.33 as on KMS 2012-13. |
| 4 | M/S.Maa Phula Thakurani Rice Mill | 2012-13 | 7,22,937.00 as on KMS 2012-13. |
| 5 | M/S.Maa Phula Thakurani Rice Mill | 2013-14 | 23,97,429.00 as on KMS 2013-14. |
| 6 | M/S.Rudra Kani Rice Mill | 2012-13 | 16,89,068.76 as on KMS 2012-13. |
| 7 | M/S.Lingaraj Rice Mill | 2012-13 | 5,10,922.99 as on KMS 2012-13. |
| 8 | M/S.Mahaveer Rice Mill | 2012-13 | 4,32,806.00 as on KMS 2012-13. |
| 9 | M/S.Singha Sini Rice Mill | 2012-13 | 56,26,360.86 as on KMS 2012-13. |

Due to in action, a huge amount of Corporation dues have remained unrecovered. This has been viewed seriously by the Chairman OSCSC Ltd.

